# NATIONAL NEWS BULLETIN (ODIA)
## 15 September - 2026
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ସମ୍ମିଳନୀ ଅବସରରେ ଭାରତ ପାଇଁ ଗୁରୁତ୍ୱ ବହନ କରୁଥିବା କେତେକ ପ୍ରସଙ୍ଗ ଉପରେ ଚୀନ୍ ସହ ହୋଇଛି ଦ୍ୱିପାକ୍ଷିକ ଆଲୋଚନା ।
- ଯମୁନା ନଦୀର ପୁନରୁଦ୍ଧାର ପାଇଁ କିଶାଉ ବହୁମୁଖୀ ନଦୀବନ୍ଧ ପ୍ରକଳ୍ପ ଚୁକ୍ତିନାମାରେ ସ୍ୱାକ୍ଷର କଲେ ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ।
- ନ୍ୟାୟିକ ପ୍ରାଧିକରଣର ନୂତନ ନିଯୁକ୍ତି ପର୍ଯ୍ୟନ୍ତ ପ୍ରିଜାଇଡିଂ ଅଧିକାରୀ ଓ ସଦସ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଲେ ସୁପ୍ରିମ୍‌କୋର୍ଟ ।
- ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହେଉଛି ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଖାଇ ।

ଏବଂ

- ଦ୍ୱିତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଆଫ୍‌ଗାନିସ୍ତାନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଭାରତ ।

# ଏମ୍‌ଇଏ-ବ୍ରିଫିଂ

ନୂଆଦିଲ୍ଲୀରେ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍‌ର ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରଣାଳୟର ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ପାଇଁ ଗୁରୁତ୍ୱ ବହନ କରୁଥିବା କେତେକ ପ୍ରସଙ୍ଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି । ଏହାକୁ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଦୃଷ୍ଟିକୋଣ ଆଧାରରେ ସମାଧାନ ପାଇଁ ଉଭୟ ପକ୍ଷ ସହମତ ହୋଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଜୟସ୍-ଏ-ମହମ୍ମଦ ମୁଖ୍ୟ ମାସୁଦ୍ ଆଝାରଙ୍କ ପାଇଁ ପାକିସ୍ତାନ ପକ୍ଷରୁ ୭୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ପ୍ରଶ୍ନ ଉପରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ପାକିସ୍ତାନର ଏଭଳି ଚତୁରତାପୂର୍ଣ୍ଣ ପଦକ୍ଷେପ ଭାରତ ପାଇଁ ନୂଆ ନୁହଁ । ପାକିସ୍ତାନକୁ ମାସୁଦ୍‌ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

**V/O**

# ଶାହା-କିଶାଉ-ଡ୍ୟାମ୍

ଯମୁନା ନଦୀର ପୁନରୁଦ୍ଧାର ପାଇଁ କିଶାଉ ବହୁମୁଖୀ ନଦୀ ବନ୍ଧ ପ୍ରକଳ୍ପ ଚୁକ୍ତିନାମାରେ ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି । ସେହି ରାଜ୍ୟଗୁଡ଼ିକ ହେଉଛି, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହରିଆଣା, ରାଜସ୍ଥାନ ଓ ଦିଲ୍ଲୀ । ନୂଆଦିଲ୍ଲୀରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଶ୍ରୀ ଶାହା କହିଛନ୍ତି, ପ୍ରକଳ୍ପ ସମାପ୍ତ ହେବା ପରେ ଏହି ଚୁକ୍ତିନାମା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହୋଇଯିବ । କେନ୍ଦ୍ର ସରକାର କିଶାଉ ପ୍ରକଳ୍ପକୁ ଏକ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ଏହି ପ୍ରକଳ୍ପର ୯୦ ପ୍ରତିଶତ ଖର୍ଚ୍ଚ କେନ୍ଦ୍ର ସରକାର ଏବଂ ଅବଶିଷ୍ଟ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ବହନ କରିବେ । ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏହାକୁ ମିଶାଇ ୧୦ଟି ଜଳ ସମ୍ବନ୍ଧିୟ ବିବାଦ ସମାପ୍ତ ହେବାକୁ ଯାଉଛି । ଏହି ଚୁକ୍ତିନାମା ସ୍ୱାକ୍ଷରିତ ସମୟରେ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ଙ୍କ ସମେତ ସ୍ୱରାଷ୍ଟ୍ର ସଚିବ, କେନ୍ଦ୍ର ଜଳସମ୍ପଦ ବିଭାଗ ସଚିବ ଓ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବଗଣ ଉପସ୍ଥିତ ଥିଲେ ।

# ସୁପ୍ରିମ୍‌କୋର୍ଟ୍‌-ଟ୍ରିବ୍ୟୁନାଲ୍ ଏକ୍ସଟେନ୍‌ସନ୍

ଦେଶରେ କାର୍ଯ୍ୟକାରି ଥିବା ବିଭିନ୍ନ ନ୍ୟାୟିକ ପ୍ରାଧିକରଣର ପ୍ରିଜାଇଡିଂ ଅଧିକାରୀ ଏବଂ ସଦସ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ୍ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ନୂତନ ନିଯୁକ୍ତି ହେବା ପର୍ଯ୍ୟନ୍ତ କିମ୍ବା ପ୍ରାୟ ୧ ମାସ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି ନେଇ ବିଚାର କରିବାକୁ କୋର୍ଟ୍ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି କହିଛନ୍ତି, ଖାଲି ପଡ଼ିବାକୁ ଯାଉଥିବା ପଦବୀ ଯୋଗୁଁ ନ୍ୟାୟାଧିକରଣ ଅଚଳ ହେବା ଉଚିତ୍ ନୁହେଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ୍ ଆର୍. ଭେଙ୍କଟ ରମଣୀ କୋର୍ଟ୍‌ରେ କହିଛନ୍ତି, ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଏସ୍‌ସି-ଏଜୁକେସନ୍

୧୪ ବର୍ଷରୁ କମ୍ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷାନୁଷ୍ଠାଗୁଡ଼ିକୁ ନିୟନ୍ତ୍ରଣ କରିବା ନେଇ ସୁମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ଉଲ୍ଲଙ୍ଘନ ଆଧାରରେ ଶିକ୍ଷା ମନ୍ତ୍ରଣାଳୟର ସଚିବଙ୍କୁ ନୋଟିସ୍ ଜାରି କରାଯାଇଛି । ଜବାବ ଦାଖଲ ପାଇଁ କୋର୍ଟ୍ ଚାରି ସପ୍ତାହ ସମୟ ପ୍ରଦାନ କରିଛନ୍ତି । ୧୪ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ପ୍ରତିଷ୍ଠାନର

ପଞ୍ଜିକରଣ, ଚିହ୍ନଟ ଏବଂ ତଦାରଖ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୋର୍ଟ୍ ନିର୍ଦ୍ଦେଶ ଦେଇଥିଲେ ।

## ଅନ୍-ଏମ୍ପ୍ଲଏମେଣ୍ଟ ଡାଟା

ଦେଶରେ ୧୫ ବର୍ଷ କିମ୍ବା ତାଠାରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ବେ-ରୋଜଗାରୀ ହାର ସାମାନ୍ୟ ହ୍ରାସ ପାଇଛି । ଗତ ମାସରେ ଏହା ୫ ପ୍ରତିଶତ ହୋଇଛି । ଗତ ଜୁଲାଇ ମାସରେ ଏହା ୫ ଦଶମିକ୍ ୧ ପ୍ରତିଶତ ରହିଥିଲା । ପରିସଂଖ୍ୟାନ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ମାସିକ ଶ୍ରମ ଶକ୍ତି ଓ ବେ-ରୋଜଗାରୀ ତଥ୍ୟରୁ ଏହି ସୂଚନା ମିଳିଛି । ଗତ ମାସରେ ଗ୍ରାମାଞ୍ଚଳ ବେକାରୀ ହାର ୪ ଦଶମିକ୍ ୧ ପ୍ରତିଶତକୁ ହ୍ରାସ ପାଇଛି । ମହିଳାଙ୍କ କ୍ଷେତ୍ରରେ ମଧ୍ୟ ସାମଗ୍ରୀକ ବେ-ରୋଜଗାରୀ ହାର ୫ ଦଶମିକ୍ ୧ ପ୍ରତିଶତ ଏବଂ ପୁରୁଷଙ୍କ କ୍ଷେତ୍ରରେ ୪ ଦଶମିକ୍ ୯ ପ୍ରତିଶତକୁ ହ୍ରାସ ପାଇଥିବା ଏହି ତଥ୍ୟରେ ଉଲ୍ଲେଖ କରାଯାଇଛି ।

## ନୂଆଖାଇ

ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଆଜି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଉଛି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଆଜି ନିର୍ଦ୍ଧାରିତ ସମୟ ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯାଇଥିଲା । ବର୍ଷର ପ୍ରଥମ ଅମଳ ଶସ୍ୟରୁ ପ୍ରସ୍ତୁତ ଭୋଗ ମାଆଙ୍କ ନିକଟରେ ଅର୍ପଣ କରାଯିବା ସହ ମନ୍ଦିର ପରିସରରେ ଥିବା ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଲାଗି ସଂପନ୍ନ ହୋଇଛି । ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ଘରେ ଘରେ ପରିବାର ସଦସ୍ୟମାନେ ଏକାଠି ବସି ନୂଆ ଖାଇବା ସହ ପରସ୍ପରକୁ ନୂଆଁଖାଇ ଜୁହାର ଭେଟ୍ ହୋଇଛନ୍ତି । କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ର ଲଙ୍କେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନୂଆଖାଇ ଅବସରରେ ଓଡ଼ିଶାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଇଞ୍ଜିନିୟର୍ସ ଡେ

ଦେଶର ସର୍ବଶ୍ରେଷ୍ଠ ଖ୍ୟାତନାମା ଇଞ୍ଜିନିୟର ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶେଶ୍ୱରାୟାଙ୍କ ଜୟନ୍ତୀକୁ ସମ୍ମାନ ଜଣାଇ ଆଜି ଜାତୀୟ ଇଞ୍ଜିନିୟର ଦିବସ ପାଳନ କରାଯାଉଛି । ଦେଶର ନିର୍ମାଣ କ୍ଷେତ୍ରକୁ ବିଶେଶ୍ୱରାୟାଙ୍କ ଅବଦାନକୁ ସ୍ମରଣ କରିବା ଏବଂ ଦେଶର ଅଭିବୃଦ୍ଧିରେ ଇଞ୍ଜିନିୟରମାନଙ୍କ ଭୂମିକାକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଏହି ଦିବସ ପାଳନ କରାଯାଏ ।

ଏହି ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଏମ୍ ବିଶେସ୍ୱ ରାୟଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଉପରାଷ୍ଟ୍ରପତି କହିଛନ୍ତି, ଶ୍ରୀ ବିଶେସ୍ୱ ରାୟ ଜଣେ ଦୂରଦୃଷ୍ଟି ସମ୍ପନ୍ନ, ରାଷ୍ଟ୍ର ନିର୍ମାତା ଓ ବିଶିଷ୍ଟ ଇଞ୍ଜିନିୟର ଥିଲେ । ତାଙ୍କ ଅବଦାନ ଯୁଗ ଯୁଗ ଧରି ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ । ଆଜିର ଇଞ୍ଜିନିୟରିଂ ଦିବସ ଅବସରରେ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଦେଶର ଇଞ୍ଜିନିୟରମାନେ ନବସୃଜନକୁ ଆପଣାଇ ଏକ ଦୃଢ଼ ଭାରତ ଗଠନ କରିବେ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ବିଶେଶ୍ୱରାୟା ଜଣେ ପ୍ରତିଭାବାନ ଇଞ୍ଜିନିୟର ଥିଲେ, ଯାହାଙ୍କ ରାଷ୍ଟ୍ରନିର୍ମାଣ ଦୃଷ୍ଟିକୋଣ ନାଗରିକମାନଙ୍କୁ ପ୍ରେରଣା ଯୋଗାଇଛି । ଏକ ଉତ୍ତମ ଭବିଷ୍ୟତ ପାଇଁ ନିର୍ମାଣ, ନବସୃଜନ ଏବଂ ସମାଧାନ ପ୍ରଦାନ କରିବାରେ ବହୁମୂଲ୍ୟ ଯୋଗଦାନ ପାଇଁ ପ୍ରଧାନମନ୍ତ୍ରୀ ଦେଶର ଇଞ୍ଜିନିୟରମାନଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିଶେଶ୍ୱରାୟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ପିଏମ୍-ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବଙ୍ଗଳାର ବିଶିଷ୍ଟ ଲେଖକ ଓ ଔପନ୍ୟାସିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କା ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱର୍ଗତଃ ଚଟ୍ଟୋପାଧ୍ୟାୟଙ୍କ ସାହିତ୍ୟ ପ୍ରାୟ ସମସ୍ତ ଭାରତୀୟ ଭାଷା ଓ ବିଦେଶୀ ଭାଷାରେ ଅନୁବାଦିତ ହୋଇଛି । ଉନବିଂଶ ଶତାବ୍ଦୀର ଭାରତ ବିଶେଷ କରି ବଙ୍ଗାଳୀ ସମାଜର ଚିତ୍ରକୁ ଅଭିନବ ଭାବରେ ଉପସ୍ଥାପନ କରିଥିବା ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାମାଜିକ ସଂସ୍କାର, ମହିଳା ଅଧିକାର ଓ ଜାତୀୟତାବାଦ ପାଇଁ ତାଙ୍କର ପ୍ରତିବଦ୍ଧତା

ଉଲ୍ଲେଖନୀୟ । ଯୁବକମାନଙ୍କୁ ଶରତଚନ୍ଦ୍ରଙ୍କ ସାହିତ୍ୟ ପାଠ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି ।

## ବିହାର-ଫ୍ଲଡ୍

ବିହାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ ବନ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି ।

ସୂଚନା ଯୋଗ୍ୟ ବିହାରର ୧୫ଟି ଜିଲ୍ଲାର ୮୮ଟି ବ୍ଲକ୍‌ର ୪୯ ଲକ୍ଷ ଲୋକ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ସିଧାସଳଖ ସୁବିଧା ହସ୍ତାନ୍ତର ଦ୍ୱାରା ବନ୍ୟା ପ୍ରଭାବିତ ୮ ଲକ୍ଷ ୨୭ ହଜାର ୪୭୨ ଟି ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଛନ୍ତି । ଉଦ୍ଧାର କାର୍ଯ୍ୟରେ ୧ ହଜାର ୫୦୦ରୁ ଊର୍ଦ୍ଧ୍ୱ ବୋଟ୍ ମୁତୟନ କରାଯାଇଛି । ୧ହଜାର ୨୬୦ଟି ଗୋଷ୍ଠୀଗତ ରୋଷେଇ ଘର ଜରିଆରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ଆଜି ଅପରାହ୍ଣ ସୁଦ୍ଧା ଗଙ୍ଗା ନଦୀର ଜଳସ୍ତର ଗାନ୍ଧିଘାଟ ଠାରେ ବିପଦ ସଂକେତ ଉପରେ ରହିଛି । ଗଣ୍ଡକ ନଦୀରେ ବନ୍ୟା ଜଳସ୍ତର ବୃଦ୍ଧି ପାଉଥିବା ବେଳେ ସନ୍ ନଦୀର ଜଳସ୍ତର ହ୍ରାସ ପାଉଛି ।

# କେରଳମ୍-ପାୱାର୍ କଟ୍

କେରଳମ୍‌ରେ ସୃଷ୍ଟ ବିଦ୍ୟୁତ୍ ସଂକଟର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି । ରାଜ୍ୟ ଶକ୍ତି ମନ୍ତ୍ରୀ ସନ୍ନି ଯୋଶେଫ୍ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଦ୍ୟୁତ୍ ଅଭାବ ଦୂର କରିବା ପାଇଁ ଅଧିକ ହାରରେ କ୍ରୟ କରିବାକୁ ସରକାର ବିଚାର କରୁଛନ୍ତି । ବିଦ୍ୟୁତ୍ କାଟ୍ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଅନ୍ୟ ପକ୍ଷରେ ବରିଷ୍ଠ ବିଜେପି ନେତା ଭି. ମୁରଲୀଧରନ୍ ବିଦ୍ୟୁତ୍ କାଟ୍ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି ।

# କ୍ରିକେଟ୍

ଭାରତ-ଆଫ୍‌ଗାନିସ୍ତାନ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ଗତ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

ଆସନ୍ତା ଗୁରୁବାର ଦିନ ସେହି ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।